# ବିଦ୍ୟାଳୟରେ ପୋଷଣ ବଗିଚା ଓ ପୋଷଣ ଜନିତ ଶିକ୍ଷା

ଆମ ବିଦ୍ୟାଳୟଟି ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯେଉଁଠାରେ ଭେଜାଗୁଡ଼ା ଗ୍ରାମ ସହିତ ଆଖପାଖ ୫–୬ ଖଣ୍ଡ ଗ୍ରାମର ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଆସନ୍ତି । ୨୦୧୪ ମସିହାରେ ଭେଜାଗୁଡ଼ା ଗାଁରେ ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଟା'ର ଲାନ୍ସା ପ୍ରକଳ୍ପ ଅଧିନରେ "ପୁଷ୍ଟି ପାଇଁ କୃଷି ପ୍ରଣାଳୀ" ନାମକ ଏକ ଅଧ୍ୟୟନ ଆରମ୍ଭ କରିଥିଲା । ପୋଷଣ ସଚେତନତା ଏହି କାର୍ଯ୍ୟକ୍ରମର ଅଂଶବିଶେଷ । ପୋଷଣ ସଚେତନତାରେ ଛାତ୍ରଛାତ୍ରୀମାନଙ୍କର ଭୂମିକାକୁ ବିଗ୍ଚରକୁ ନେଇ ଆମ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ପୋଷଣ ସଚେ଼ତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରାଥମିକତା ଭିତିରେ ଛାତ୍ରଛାତ୍ରୀମାନଙ୍କର ପୋଷଣ ଜନିତ ଶିକ୍ଷା ପାଇଁ ବିଦ୍ୟାଳୟର ଶିକ୍ଷକ ମଣ୍ଡଳୀ ଓ ପରିଚାଳନା କମିଟିର ସହମତିରେ ଏକ ପୋଷଣ ବଗିଚ୍ଚ ସ୍ଥାପନ କରିବା ପାଇଁ ସ୍ଥିର କରାଗଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୂକ୍ଷ୍ମ ପୋଷକତତ୍ତ୍ୱ ଥିବା ବିଭିନ୍ନ ପ୍ରକାରର ଶାଗ ଯଥା– ସଜନା ଶାଗ, ପୋଇ, ଭାଜି ଶାଗ, ଧନିଆପତ୍ର, ପାଳଙ୍ଗ ଶାଗ; କମଳା ରଙ୍ଗଯୁକ୍ତ କନ୍ଦମୂଳ; ବିଭିନ୍ନ ପ୍ରକାର ଫଳ ଯଥା– ଅମୃତଭଣ୍ଡା, ଲେମ୍ବୁ, ଡାଳିମ୍ବ, କଦଳୀ ଇତ୍ୟାଦି ସହିତ ଋତୁକାଳୀନ ପନିପରିବା ଯଥା– ମୂଳା, ଶିମ୍ବ, ବିନ୍ସ, କଖାରୁ ଇତ୍ୟାଦିର ଉପକାରିତା ବିଷୟରେ ସଚେ଼ତନତା କରିବା ଏହି ପୋଷଣ ବଗିଚାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।



ବିଦ୍ୟାଳୟ ପରିସରରେ ଜାଗାର ଉପଲତାକୁ ଭିତିକରି ୦.୦୬ ଏକର ପରିମିତ ଜାଗାରେ ପୋଷଣ ବଗିଚ୍ଚଟି ସ୍ଥାପନ କରାଗଲା । ପ୍ରକଳ୍ପ କର୍ମଚ୍ଚରୀମାନେ ବଗିଚ୍ଚ ପାଇଁ ଆବଶ୍ୟକୀୟ ପନିପରିବା ବିହନ ଓ ଚାରା ସହିତ ବୈଷୟିକ ଜ୍ଞାନ ମଧ୍ୟ ପ୍ରଦାନ କରିଥିଲେ । ବଗିଚ୍ଚ ପ୍ରସ୍ତୁତି, ଗଛ ଲଗାଇବା, ପାଣି ଦେବା, ଘାସ ବାଛିବା, ଫଳ ତୋଳିବା ଆଦି ସମସ୍ତ ପର୍ଯ୍ୟାୟରେ ବିଦ୍ୟାଳୟର ଶିକ୍ଷକ, ରୋଷେୟା ଓ ଛାତ୍ରଛାତ୍ରୀମାନେ ଜଡ଼ିତ ଥିଲେ । ଉକ୍ତ ବଗିଚାରୁ ବାହାରୁଥିବା ପନିପରିବା ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ବ୍ୟବହାର ହେଉଥିଲା । ଯଦିଓ ଏହା ମଧ୍ୟାହ୍ନ ଭୋଜନ ପାଇଁ ଯଥେଷ୍ଟ ନଥିଲା କିନ୍ତୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେ଼ତନ ହୋଇ କିଛି ପରିବାର ନିଜ ନିଜ ବାଡ଼ିରେ ଏହିଭଳି ପୋଷଣ ବଗିଚା ସ୍ଥାପନ କରିବାରେ ସାହାଯ୍ୟ କରିଥିଲା । ମୁଁ ମନେ ରଖିଛି ଯେ, ବିଭିନ୍ନ ସଭାରେ ଅଭିଭାବକମାନେ ସେମାନଙ୍କର ଅନୁଭୂତିକୁ ପ୍ରକାଶ କଲାବେଳେ କହନ୍ତି ଯେ, ସେମାନେ ପୋଇ ଶାଗ ତରକାରୀ, ଭାଜିଶାଗ ଇତ୍ୟାଦି ରାନ୍ଧିଥିଲେ କାରଣ ସେମାନଙ୍କର ପିଲାମାନେ ଏହାକୁ ଖାଇବାକୁ ପସନ୍ଦ କରନ୍ତି । ପୋଷଣ ବଗିଚ୍ଚ ସମ୍ବନ୍ଧୀୟ ସଚେ଼ତନତା ବାର୍ତ୍ତା ବର୍ତ୍ତମାନ ଏହି ଗ୍ରାମ ସହିତ ଆଖପାଖର ଅନ୍ୟାନ୍ୟ ଗ୍ରମରେ ମଧ୍ୟ ପହଞ୍ଚି ପାରିଛି । ନିକଟ ଅତୀତରେ ଜିଲ୍ଲା ଶିକ୍ଷା ଅଧିକାରୀ ଆମ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲା ବେଳେ, ଆମ ପୋଷଣ ବଗିଚାକୁ ଦେଖି ବିଶେଷ ଖୁସି ହୋଇଥିଲେ ଏବଂ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଏହିଭଳି ପୋଷଣ ବଗିଚ୍ଚ ସ୍ଥାପନ କରିବା ପାଇଁ ପରାମର୍ଶ ଦେଇଥିଲେ ।



**ନାମ : ଲାଲ୍ ମୋହନ ମିଶ୍ର**
ବିଦ୍ୟାଳୟର ନାମ : ଭେଜାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଗ୍ରାମ : ଭେଜାଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୫୯ ବର୍ଷ
ବୃତ୍ତି : ଶିକ୍ଷକତା
ଛାତ୍ରଛାତ୍ରୀ ସଂଖ୍ୟା : ୧୧୮


ଲେଖା ଓ ପ୍ରସ୍ତୁତି: **ସୁଶାନ୍ତ କୁମାର ମିଶ୍ର,**
ପ୍ରକଳ୍ପ ସହାୟକ
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍ସା



LANSA Leveraging Agriculture for Nutrition in South Asia
MSSRF